ISSN-0971-8397

# ଯୋଜନା

ସେପ୍ଟେମ୍ବର ୨୦୧୯ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ଉଦୀୟମାନ ଭାରତ



**ଗ୍ରାମାଞ୍ଚଳ ଦାରିଦ୍ର୍ୟର ମୁକାବିଲା**
ଅମରଜିତ୍ ସିହ୍ନା

**ଉର୍ଜା : ସାମାଜିକ ଆର୍ଥିକ ବିକାଶର ଗୁରୁତ୍ୱପୂର୍ଣ୍ଣ ଚାଳକ**
ସୁମନ୍ତ ସିହ୍ନା

**ଜ୍ଞାନଯୁକ୍ତ ସମାଜ ବିକାଶର ଦୃଷ୍ଟିକୋଣ**
ଗୋପାଳନ୍ ମାଧବନ୍ ନାୟାର

**ଫୋକସ୍**
**ଶାସନରେ ସଂସ୍କାର**
ଯୋଗେଶ ସୁରି

**ବିଶେଷ ପ୍ରସଙ୍ଗ**
**୫ ଟ୍ରିଲିୟନ ଡଲାର ଅର୍ଥନୀତି ପାଇଁ ଦକ୍ଷତା**
ଦିଲୀପ ଚେନୟ



# ପ୍ରଧାନମନ୍ତ୍ରୀଙ୍କ ସ୍ୱାଧୀନତା ଦିବସ ଅଭିଭାଷଣ ମୁଖ୍ୟାଂଶ



- ମୋ ଦେଶର ସମସ୍ତ ନାଗରିକ, ଭାଇ ଓ ଭଉଣୀମାନଙ୍କୁ ୭୩ତମ ସ୍ୱାଧୀନତା ଦିବସ ଓ ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।
- ଦେଶ ସ୍ୱାଧୀନତା ଦିବସ ପର୍ବ ମନାଉଥିବା ବେଳେ ଭାରତର ଅନ୍ୟ କେତେକ ପ୍ରାନ୍ତର ଲୋକମାନେ ଭୟଙ୍କର ବନ୍ୟା ବିପତ୍ତିର ସାମ୍ନା କରୁଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମେତ ବିଭିନ୍ନ ସଂଗଠନ ପରିସ୍ଥିତିକୁ ସ୍ୱାଭାବିକ କରିବା ଲାଗି କଠିନ ଉଦ୍ୟମ ଚଳାଇଛନ୍ତି।
- ଦ୍ୱିତୀୟ ପାଳି ସରକାର ଗଠନର ମାତ୍ର ୧୦ ସପ୍ତାହ ମଧ୍ୟରେ ଅନୁଚ୍ଛେଦ ୩୭୦ ଓ ୩୫(କ) ଉଚ୍ଛେଦ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଯେଉଁ କାର୍ଯ୍ୟ ଦୀର୍ଘ ୭୦ ବର୍ଷ ଧରି କରାଯାଇ ପାରୁନଥିଲା; ତାହା ମାତ୍ର ୭୦ ଦିନ ଭିତରେ କରାଯାଇପାରିଛି। ଧାରା ୩୭୦ ଓ ୩୫(କ) ଉଚ୍ଛେଦ ପ୍ରସ୍ତାବକୁ ଉଭୟ ରାଜ୍ୟସଭା ଓ ଲୋକସଭା ଦୁଇ-ତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ଗୃହୀତ କଲା।
- ଯଦି ଆମେ ସତୀ ପ୍ରଥା ଉଚ୍ଛେଦ କଲେ, ଶିଶୁକନ୍ୟା ଭ୍ରୂଣହତ୍ୟା ରୋକିବାକୁ କଠୋର ଆଇନ ଏବଂ ବାଲ୍ୟ ବିବାହ ବନ୍ଦ ଲାଗି କାର୍ଯ୍ୟାନୁଷ୍ଠାନ କରିପାରିଲେ, ସେହିଭଳି ତିନି ତଲାକ୍ ବିରୋଧରେ ମଧ୍ୟ ସ୍ୱର ଶାଣିତ କରିପାରିଛେ। ସେହିଭଳି ଆମେ ମୁସଲମାନ ମହିଳାମାନଙ୍କ ଅଧିକାର ସୁରକ୍ଷା ଲାଗି 'ତିନି ତଲାକ୍' ବିରୋଧରେ ମଧ୍ୟ ଆଇନ କରିଛେ।
- ଆତଙ୍କବାଦ ସଂକ୍ରାନ୍ତ ଆଇନରେ କଠୋର ସଂଶୋଧନ କରାଯାଇଛି। ଏହାକୁ ଅଧିକ କଡ଼ାକଡ଼ି ଏବଂ ଶକ୍ତିଶାଳୀ କରାଯାଇଛି।
- ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଯେଉଁ କୃଷକମାନେ ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି ଯୋଜନାର ହିତାଧିକାରୀ ସେମାନଙ୍କ ବ୍ୟାଙ୍କଖାତାରେ ୯୦,୦୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଉଛି।
- କୃଷକ ଓ ଛୋଟ ଉଦ୍ୟୋଗୀ ମାନଙ୍କ ଲାଗି ପେନ୍‌ସନ୍ ଯୋଜନା କାର୍ଯ୍ୟକାରୀ କରାଯାଇଛି; ଯାହାକି ପୂର୍ବରୁ କେବେ କଳ୍ପନା କରାଯାଇ ପାରିନଥିଲା।
- ଜଳ ସଂକଟ ଆହ୍ୱାନର ମୁକାବିଲା ଲାଗି ଏକ ନୂତନ ଜଳଶକ୍ତି ମନ୍ତ୍ରଣାଳୟ ଗଠନ କରାଯାଇଛି।
- ଆଗାମୀ ଦିନରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏକାଠି ହୋଇ ଜଳ ଜୀବନ ମିଶନ କାର୍ଯ୍ୟକ୍ରମକୁ ଆଗକୁ ନେବେ। ଏଥିପାଇଁ ୩.୫ ଲକ୍ଷ କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି।
- ଦେଶରେ ଅଧିକ ଡାକ୍ତର ସୃଷ୍ଟି ସହ ଉନ୍ନତ ସ୍ୱାସ୍ଥ୍ୟସେବା ଓ ଉତ୍ତମ ବ୍ୟବସ୍ଥା ଲାଗି ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଡାକ୍ତରୀ ଶିକ୍ଷା ଯେଭଳି ପାରଦର୍ଶୀ ହୋଇପାରିବ ସେଥିପାଇଁ ଗୁରୁତ୍ୱପୂର୍ଣ୍ଣ ଆଇନ ଲାଗୁ କରାଯାଇଛି।
- ଶିଶୁମାନଙ୍କ ସୁରକ୍ଷା ଲାଗି ଦେଶ ଏକ ଦୃଢ ଆଇନ କାର୍ଯ୍ୟକାରୀ କରିଛି।
- ୨୦୧୪-୨୦୧୯ ଆବଶ୍ୟକତା ପୂରଣର ଏକ ଯୁଗ ଥିଲା; ମାତ୍ର ୨୦୧୯ ପରବର୍ତ୍ତୀ ସମୟ ଦେଶବାସୀଙ୍କ ଆଶା, ଆକାଂକ୍ଷା ଓ ସ୍ୱପ୍ନ ପୂରଣ ଲାଗି ଉଦ୍ଦିଷ୍ଟ।